# ସତ୍ୟପ୍ରକାଶ

# THE WORD OF TRUTH

**MAY & JUNE 2015**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

**Edited & Published By**

**Joshua & Kabita Gootam.**

## CHURCH OF CHRIST

**P.O. Box. No. 80, Kakinada**

**A.P. - 533 001.**

**Ph : 0884 - 2363722**

**Vol.20.May & June- 2015. No-2**

**Published every two months in Oriya language for the Restoration of pure New Testament Christianity**

## VOICES FROM THE DEAD

Hebrews 11:4

**Introduction :**

**Death is the great mistry**

a. Every one is affected by it

b. Can't communicate with the dead

1) Mediums and their claims, etc.

**I. THE VOICE OF SAMUEL,**

1 Sam 28 :15-19

A. The certainty of death ...... "Thou and thy sons shall be with me...." v.19.

1. Samuel was in Hades; Saul was going to die

2. All need to be reminded of the certainty of death. Many refuse to think or talk about it, but we cannot prepare for it if we are not conscious of it

# ସତ୍ୟବାଣୀ
# VOICE OF TRUTH

VOL - XX KAKINADA MAY-JUN-2015


## ଐଶ୍ୱରିକତ୍ୱର ମର୍ମ
## (The Essence of Godhead)

ବାଇବଲ ସର୍ବପ୍ରଥମେ ଏବ୍ରୀ ଭାଷାରେ ଲିଖିତ ହୋଇଥିଲା । ଏହି ଭାଷାରେ ଈଶ୍ୱରଙ୍କୁ Elohim ରୂପେ ବର୍ଣ୍ଣିତ କରାଯାଏ । Elohim ଏକ ବହୁବଚନ ପଦ ଯାହାର ଅର୍ଥ,''ମହାମହିମା ଗଣ'' । ଏହାର ଅର୍ଥ, ଅନେକ ଦେବତାଗଣ ନୁହେଁ, କାରଣ ବାଇବଲ କେବଳ ଏକମାତ୍ର ଈଶ୍ୱର ବିଷୟରେ କହେ । (ଦ୍ୱି:ବି ୬:୪, ଯିଶାଇୟ ୪୪:୬, ୧ମ କରିନ୍ଥୀ ୮:୪) ବହୁଳ ଐଶ୍ୱରିକତ୍ୱର ଐକତ୍ୱକୁ Elohim ବୋଲି ବର୍ଣ୍ଣନା କରାଯାଏ ।

ଯୀଶୁଖ୍ରୀଷ୍ଟ ଏ ଜଗତରେ ଥିବାବେଳେ, ଈଶ୍ୱରଙ୍କୁ ''ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା'' ରୂପେ ସମ୍ବୋଧନ କରିବା ନିମନ୍ତେ କହିଥିଲେ (ମାଥିଉ ୬:୯) ଖ୍ରୀଷ୍ଟ ଆପେ ଈଶ୍ୱରଙ୍କୁ 'ପିତା' ବୋଲି ଡାକୁଥିଲେ । (ମାଥିଉ ୧୧:୨୫-୨୭, ଯୋହନ ୬:୨୭) । ସେହି ପିତା ଆଦିରେ ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ । (ଆଦି ୧:୧) ଈଶ୍ୱର ଏହି ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଜଗତର ପରିତ୍ରାଣ ନିମନ୍ତେ ଆପଣା ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (୧ମ ଯୋହନ ୪:୧୦)

ବାଇବଲ ଅନୁଯାୟୀ, ପୁତ୍ର ମଧ୍ୟ ସେହି ଐଶ୍ୱରିକତ୍ୱର ଅଂଶ ଅଟନ୍ତି । ସେ କୌଣସି ଭାବେ ଦ୍ୱିତୀୟ ନୁହନ୍ତି କିନ୍ତୁ ଐଶ୍ୱରିକତ୍ୱର ଏକ ବ୍ୟକ୍ତିତ୍ୱ ଅଟନ୍ତି । ବାକ୍ୟ କହେ, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି । ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇନାହିଁ ... ... ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ

ଓ ସତ୍ୟରେ ପରିପୂର୍ଣ୍ଣ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।'' (ଯୋହନ ୧:୧-୩, ୧୪) । ଯେଉଁ ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ସେ ମାନବରୂପ ଧାରଣ କରିଥିଲେ, ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହୋଇଅଛି । ''ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ'' (ଆଦି ୧:୧) ପଦଦ୍ୱାରା ବାଇବଲ ଲେଖନୀ ଆରମ୍ଭ ହୁଏ । ସେ ଈଶ୍ୱରରୂପୀ ହେଲେ ହେଁ ଐଶ୍ୱରିକତ୍ୱ ତ୍ୟାଗ କରି ମନୁଷ୍ୟରୂପ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । (ଫିଲିପ ୨:୬-୭) ରୋମୀୟ ୯:୫ ପଦରେ ପାଉଲ, ତାହାଙ୍କ ବିଷୟରେ କହନ୍ତି, ''.......ଆଉ ଶାରୀରିକ ଭାବେ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଉତ୍ପନ୍ନ, ସେହି ସର୍ବାଧିପତି ଈଶ୍ୱର ଯୁଗେ ଯୁଗେ ଧନ୍ୟ, ଆମେନ୍ ''ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ଏହି ଜଗତରେ ଆପଣା ମଣ୍ଡଳୀ ସ୍ଥାପନ କରିବେ ବୋଲି ପ୍ରତିଜ୍ଞା କରି (ମାଥିଉ ୧୬:୧୮), ସ୍ଥାପନ କରିଥିଲେ । (ପ୍ରେରିତ ୨:୩୭-୪୭) । ଏଫିସୀ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ପାଉଲ କହନ୍ତି, ''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକୁ ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ'' (ପ୍ରେରିତ ୨୦:୨୮) ଖ୍ରୀଷ୍ଟ ଆପଣା ମଣ୍ଡଳୀ ଗଢ଼ିବେ ବୋଲି ପ୍ରତିଜ୍ଞା କରିଥିଲେ ଓ ସେହି ମଣ୍ଡଳୀ ନିମନ୍ତେ ସେ ଆପଣା ପ୍ରାଣଦାନ କରିଥିଲେ । (ଏଫିସୀ ୫:୨୫) କିନ୍ତୁ ଉପରୋକ୍ତ ବାକ୍ୟରେ ଭକ୍ତ ପାଉଲ ଈଶ୍ୱର ମଣ୍ଡଳୀ ନିମନ୍ତେ ଆପଣା ରକ୍ତ ଢ଼ାଳି ଦେଇଥିଲେ ବୋଲି କହୁଅଛନ୍ତି । ପବିତ୍ର ଆତ୍ମାଙ୍କ ପ୍ରାଧାନ୍ୟତା ମଧ୍ୟ ଏହି ବାକ୍ୟରେ ପ୍ରକଟିତ ହୁଏ । ଈଶ୍ୱର ମଣ୍ଡଳୀ ରୂପେ ତାହାଙ୍କ ଗୃହର କର୍ତ୍ତା ଅଟନ୍ତି, ମସ୍ତକ ଅଟନ୍ତି । ତାହାଙ୍କ ଇଚ୍ଛାନୁଯାୟୀ ଲୋକମାନଙ୍କୁ ନିଯୁକ୍ତ କରିବାକୁ ତାହାଙ୍କୁ ସର୍ବାଧିକାର ଅଛି । ମଣ୍ଡଳୀର ପ୍ରତିପାଳନ ନିମନ୍ତେ ପବିତ୍ର ଆତ୍ମା ଅଧ୍ୟକ୍ଷମାନଙ୍କୁ ନିଯୁକ୍ତ କରନ୍ତି, କାରଣ ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି ।

ଆକାଶ ମଣ୍ଡଳ ଓ ପୃଥିବୀର ସୃଷ୍ଟି ସମୟରେ ବାକ୍ୟରୂପୀ ପୁତ୍ର ପରମେଶ୍ୱରଙ୍କ ସଦୃଶ୍ୟ ପବିତ୍ର ଆତ୍ମା ସଦାପ୍ରଭୁଙ୍କ ସହିତ ଥିଲେ । (ଆଦି ୧:୨) । ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସେହି ବାକ୍ୟରୂପୀ ପରମେଶ୍ୱର ଏକ କନ୍ୟା ଦ୍ୱାରା ଏହି ଜଗତକୁ ଶରୀର ଧାରଣ କରି ଅବତରଣ କରିଥିଲେ । ମାଥିଉ ୧ ଓ ୨ମ ଅଧ୍ୟାୟ

ଏବଂ ଲୁକ ୨ୟ ଅଧ୍ୟାୟରେ ଏହି ତିନି ଐଶ୍ୱରୀକ ବ୍ୟକ୍ତିତ୍ୱ କିପରି ମିଳିତ ଭାବେ କାର୍ଯ୍ୟ କରିଥିଲେ, ପଢ଼ି ପାରିଥାଉଁ । ତିରିଶି ବର୍ଷ ବୟସର ଯୀଶୁଖ୍ରୀଷ୍ଟ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସମୟରେ ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ଉପସ୍ଥିତି ମଧ ଉପଲବ୍‌ଧ କରୁ । ପ୍ରଭୁ ଯୀଶୁ ବାପ୍ତିଜକ ନେଇ ଜଳ ମଧ୍ୟରୁ ଉଠି ଆସିବା ସମୟରେ,"......ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୬,୧୭) । ବାକ୍ୟରୂପୀ ଈଶ୍ୱରଙ୍କୁ ପିତା ପରମେଶ୍ୱର ଏହି ଜଗତକୁ ପ୍ରେରଣ କଲେ, ପବିତ୍ର ଆତ୍ମାଙ୍କ ଶକ୍ତିରେ କନ୍ୟା ମରିୟମ ଗର୍ଭଧାରଣ କରି, ଜଗତର ପରିତ୍ରାଣ ନିମନ୍ତେ ଏହି ଜଗତରେ ଜନ୍ମ ନେଇଥିଲେ । ଏହା ଐଶ୍ୱରୀକତ୍ୱ ଶକ୍ତିର ମିଳିତ ଯୋଜନାର ପ୍ରତିଫଳ ।

ପିତା ପରମେଶ୍ୱର, ବାକ୍ୟରୂପୀ ପୁତ୍ର ପରମେଶ୍ୱର ଓ ସାହାଯ୍ୟକାରୀ ପବିତ୍ର ଆତ୍ମା ପରମେଶ୍ୱର (ଯୋହନ ୧୪:୨୬,୧୬:୭) 'ମହାମହିମ' ବା Elohim ଙ୍କର ତିନୋଟି ବ୍ୟକ୍ତିତ୍ୱ । Elohim ଦ୍ୱାରା ଏହି ଆକାଶ ଓ ପୃଥିବୀ ସୃଷ୍ଟି ହୋଇଥିଲା ଏବଂ ପରିତ୍ରାଣର ଯୋଜନା ଯୋଜିତ ହୋଇଥିଲା । ମନୁଷ୍ୟର ପରିତ୍ରାଣରେ ଏହି ତିନୋଟି ବ୍ୟକ୍ତିତ୍ୱର ବିଭିନ୍ନ ପାତ୍ର ରହିଅଛି । ପିତା ପରମେଶ୍ୱର ବାକ୍ୟରୂପୀ ଈଶ୍ୱରଙ୍କୁ ଜଗତର ପରିତ୍ରାଣ ନିମନ୍ତେ ଏହି ଜଗତକୁ ପ୍ରେରଣ କରିଥିଲେ । ତାହାଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ଶରୀର ଧାରଣ କରି ଅନେକ ପରିଚର୍ଯ୍ୟା କରି, ଶିକ୍ଷା ଦେଇ କ୍ରୁଶରେ ହତ ହେଲେ । ସମାଧି ପ୍ରାପ୍ତ ହୋଇ ତୃତୀୟ ଦିନରେ ମୃତ୍ୟୁରୁ ଉତ୍ଥାପିତ ହେଲେ । ମୃତ୍ୟୁର ପୁନଃରୁତ୍ଥିତ ହୋଇ ସେ ଆପଣା ପିତାଙ୍କ ମହାମହିମା ନିକଟକୁ ଫେରିଯାଇ ପବିତ୍ର ଆତ୍ମାଙ୍କୁ ଏହି ଜଗତକୁ ପ୍ରେରଣ କରିଅଛନ୍ତି । (ଯୋହନ ୧୪:୨୫,୨୬, ଯୋହନ ୧୬:୫-୧୫, ପ୍ରେରିତ ୧:୧-୮, ପ୍ରେରିତ ୨:୧-୪) ତଥାପି ଏହି ତିନୋଟି ବ୍ୟକ୍ତିତ୍ୱ ଏକ ପରମେଶ୍ୱର ଅଟନ୍ତି । ତେଣୁକରି ସ୍ୱର୍ଗାରୋହଣ ପୂର୍ବେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଲେ,".........ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ନେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା

ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।'' (ମାଥିଉ ୨୮:୧୮-୨୦) । ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଉପସ୍ଥିତ ଜନତାକୁ ପିତର ଯେତେବେଳେ ''.......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' ବୋଲି କହିଥିଲେ, ସେ ଖ୍ରୀଷ୍ଟଙ୍କ ବାକ୍ୟ ବିରୁଦ୍ଧରେ କହିନଥିଲେ । କାରଣ ଆମ୍ଭେମାନେ ଯାହା ଖ୍ରୀଷ୍ଟଙ୍କ ନାମରେ କରୁ ବା କହୁ, ତାହା ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ନାମରେ କରୁ ବା କହୁ । କାରଣ ପିତା, ପୁତ୍ର ଓ ପବିତ୍ର ଆତ୍ମା ଏକ ଅଟନ୍ତି । ହନନିୟ ଓ ଶଫୀରା ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ପ୍ରତିଜ୍ଞାତ ଧନ, ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ନଦେଇ ଆପଣା ନିମନ୍ତେ ଲୁଚାଇ ରଖିବାରୁ ପିତର ତାହାଙ୍କୁ କହିଲେ,''......ହେ ହନନିୟ, ପବିତ୍ର ଆତ୍ମାଙ୍କ ନିକଟକୁ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? ବିକ୍ରୟ ନ ହେବା ପୂର୍ବେ ତାହା କଅଣ ତୁମ୍ଭ ନିଜର ହୋଇ ନ ଥିଲା ? ଆଉ, ବିକ୍ରୟ ହେବା ଉତ୍ତାରେ ସେଥିର ମୂଲ୍ୟ କି ତୁମ୍ଭ ନିଜ ଅଧିକାରରେ ନଥିଲା ? ତେବେ ତୁମ୍ଭେ କିପରି ଆପଣା ହୃଦୟରେ ଏହି ବିଷୟ ଭାବିଲ ? ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।'' (ପ୍ରେରିତ ୫:୩,୪) ପ୍ରଥମେ ସେ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ପାପ କଲ ବୋଲି କହି, ଶେଷରେ ଈଶ୍ୱରଙ୍କ ବିରୁଦ୍ଧରେ ପାପ କଲ ବୋଲି କହନ୍ତି । ପବିତ୍ର ଆତ୍ମାଙ୍କୁ ମିଥ୍ୟା କହିବା ଈଶ୍ୱରଙ୍କୁ ମିଥ୍ୟା କହିବା ସମାନ, କାରଣ ପବିତ୍ର ଆତ୍ମା ମଧ ଈଶ୍ୱର ଅଟନ୍ତି । ପ୍ରକାଶିତ ବାକ୍ୟରେ ଯୀଶୁଖ୍ରୀଷ୍ଟ, ଯୋହନଙ୍କୁ କହନ୍ତି,''ଯେ ବର୍ତ୍ତମାନ ତ ଭବିଷ୍ୟତ, ଯେ ସର୍ବ ଶକ୍ତିମାନ, ସେହି ପ୍ରଭୁ ଈଶ୍ୱର କହନ୍ତି, ଆମ୍ଭେ କ ଓ କ୍ଷ ।'' (ପ୍ରକାଶିତ ୧:୮) ଖ୍ରୀଷ୍ଟଙ୍କ ଜନ୍ମର ଆଠ ଶହ ବର୍ଷ ପୂର୍ବେ ଯିଶାଇୟ ଭାବବାଦୀ ତାହାଙ୍କ ବିଷୟରେ କହନ୍ତି, ''ସଦାପ୍ରଭୁ, ଈଶ୍ରାଏଲର ରାଜା ଓ ତାହାର ମୁକ୍ତିଦାତା ସୈନାଧିପତି ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ଆଦି ଓ ଅନ୍ତ, ପୁଣି ଆମ୍ଭ ଛଡ଼ା ପରମେଶ୍ୱର ଆଉ ନାହିଁ ।'' (ଯିଶାଇୟ ୪୪:୬)

ଏକମାତ୍ର ପରମେଶ୍ୱର, ଯେ ପିତା, ପୁତ୍ର ଓ ପବିତ୍ର ଆତ୍ମା ଅଟନ୍ତି । ଆମ୍ଭେମାନେ ପୁତ୍ରଙ୍କ ଆଜ୍ଞା ପାଳନ କରିବାଦ ଦ୍ୱାରା, ପିତା ଓ ପବିତ୍ର ଆତ୍ମାଙ୍କ

ଆଜ୍ଞା ମଧ୍ୟ ପାଳନ କରିଥାଉ । ଯେତେବେଳେ ଆମ୍ଭେ ଜଣକର ଆଜ୍ଞା ପାଳନ କରୁ; ଆମ୍ଭେମାନେ ପ୍ରତ୍ୟେକଙ୍କର ଆଜ୍ଞା ପାଳନ କରୁ । ଆମ୍ଭେମାନେ ଯେତେ ଜଣକର ଅବଜ୍ଞା କରୁ, ସମସ୍ତଙ୍କୁ ଅବଜ୍ଞା କରୁ ।

- Sunny David

❋❋❋

# ସୁସ୍ୱାଗତ
## (Welcome)

ଆମ୍ଭେମାନେ 'ଖ୍ରୀଷ୍ଟଙ୍କ ସୁସମାଚାର'ରେ ଆପଣଙ୍କୁ ସୁସ୍ୱାଗତ ଜଣାଉଁ । କାରଣ ଯୀଶୁ କହିଲେ ''ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର ।'' (ମାର୍କ ୧୬:୧୫) ଖ୍ରୀଷ୍ଟଙ୍କ ସୁସମାଚାର ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । (ରୋମୀୟ ୧:୧୬) । ସୁସମାଚାର ମନୁଷ୍ୟମାନଙ୍କ ପରିତ୍ରାଣ ନିମନ୍ତେ ଈଶ୍ୱର ଦତ୍ତ ଶକ୍ତି ହୋଇଥିବାରୁ, ଯୀଶୁଖ୍ରୀଷ୍ଟ ସମୁଦାୟ ପୃଥିବୀରେ ତାହା ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି ।

'ସୁସମାଚାର'ର ଅର୍ଥ ଆନନ୍ଦଦାୟକ କିଅବା ସନ୍ତୋଷଜନକ ସମାଚାର । ଏହି ସୁସମାଚାର ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉତ୍‌ଥାନର ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଅଛି । କରିନ୍ଥୀ ମଣ୍ଡଳୀକୁ ପାଉଲ ଲେଖନ୍ତି, ''ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛି । ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭେମାନଙ୍କୁ ସ୍ମରଣ କରାଉଛି, ଯଦି ତୁମ୍ଭେମାନେ ତାହା ଦୃଢ଼ ଭାବେ ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ । ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଶିକ୍ଷା ମୁଁ ପାଇଥିଲି, ଏଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା, ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ । ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।'' (୧ମ କରିନ୍ଥୀ ୧୫:୧-୪) ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ

ଉତ୍‌ଥାନର ସମାଚାର ଆମ୍ଭମାନଙ୍କୁ ପରିତ୍ରାଣ ଦେଉଥିବାରୁ, ଏହା ନିଶ୍ଚିତ ଭାବେ ସନ୍ତୋଷଦାୟକ ସମାଚାର ବା 'ସୁସମାଚାର' ଅଟେ ।

ପାଉଲ ଗାଲାତୀୟ ମଣ୍ଡଳୀକୁ ସତର୍କ କରି କହନ୍ତି । 'ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ତୁମ୍ଭମାନଙ୍କୁ ଆହ୍ୱାନ କଲେ, ତାହାଙ୍କ ଠାରୁ ତୁମ୍ଭେମାନେ ଯେ ଏତେ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିରେ ମୁଁ ଚମତ୍କୃତ ହେଉଅଛି । ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାରକୁ ବିକୃତ କରିବାକୁ ଇଚ୍ଛା କରୁଅଛନ୍ତି, କିନ୍ତୁ ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର କରେ, ତେବେ ସେ ଶାପଗ୍ରସ୍ତ ହେଉ । ଯେପରି ଆମ୍ଭେମାନେ କହିଅଛୁ, ସେହିପରି ମୁଁ ଏବେ ଆଉଥରେ କହୁଅଛି । ଯେଉଁ ସୁସମାଚାର ତୁମ୍ଭେମାନେ ଗ୍ରହଣ କରିଥିଲ, ତଦ୍‌ଭିନ୍ନ ଯଦି କୌଣସି ଲୋକ ଅନ୍ୟ ସୁସମାଚାର ତୁମ୍ଭମାନଙ୍କ ନିକଟରେ ପ୍ରଚାର କରେ, ତେବେ ସେ ଶାପଗ୍ରସ୍ତ ।'' (ଗାଲାତୀ ୧:୬-୯) । ପ୍ରେରିତମାନଙ୍କ ଦ୍ୱାରା ପ୍ରଚାରିତ ଓ ନୂତନ ନିୟମରେ ଲିଖିତ ଶୁଦ୍ଧ ଓ ଅବିକୃତ ସୁସମାଚାର ଆମ୍ଭେମାନେ ଅନୁସରଣ କରିବା ଉଚିତ ବୋଲି ପ୍ରେରିତ ପାଉଲଙ୍କ ଏହି ଲେଖନୀରୁ ଜାଣିପାରୁ ।

ଈଶ୍ୱରଙ୍କ ଶୁଦ୍ଧ, ପବିତ୍ର ସତ୍ୟ ବାକ୍ୟ ହିଁ ଆମ୍ଭମାନଙ୍କର ପରିତ୍ରାଣର ସୁସମାଚାର (ଏଫିସୀ ୧:୧୩) । ଯୀଶୁ କହିଲେ, ''ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।'' (ଯୋହନ ୮:୩୨) ''ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।'' ଯୀଶୁଖ୍ରୀଷ୍ଟଙ୍କ ଏହି ପ୍ରାର୍ଥନା ଯୋହନ ୧୭:୧୭ ପଦରେ ପଢ଼ିପାରିବା । ସୁସମାଚାର ଈଶ୍ୱରଙ୍କ ପ୍ରକାଶିତ ତାହାଙ୍କ ଇଚ୍ଛା । ତାହାଙ୍କ ଇଚ୍ଛା ପାଳନ କଲେ ହିଁ, ଆମ୍ଭେମାନେ ପାପରୁ ମୁକ୍ତ ହୋଇ ପବିତ୍ର ହୋଇପାରିବା । ଈଶ୍ୱରଙ୍କ ବାକ୍ୟ ଅବଜ୍ଞାକାରୀମାନଙ୍କ ବିଷୟରେ ଯୀଶୁ କହନ୍ତି, ''ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି ତାହା ଶେଷ ଦିନରେ ତାହା ବିଚାର କରିବ । (ଯୋହନ ୧୨:୪୮) ତେଣୁକରି ପିତର ଆମ୍ଭମାନଙ୍କୁ ସତର୍କ କରି କହନ୍ତି । ''କେହି ଯଦି ପ୍ରଚାର କରେ ତେବେ ସେ

ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ ।'' (୧ମ ପିତର ୪:୧୧)

ପାପୀ ମନୁଷ୍ୟର ପରିତ୍ରାଣ ନିମନ୍ତେ ସୁସମାଚାର ଈଶ୍ୱର ଦତ୍ତ ଶକ୍ତି ଅଟେ । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁ ଓ ଉତ୍‌ଥାନର ଆମ୍ଭେମାନେ ଅନନ୍ତ ଜୀବନର ଭରସା ପାଇଥିବାରୁ ଏହା ସୁସମାଚାର ଅଟେ । ଶୁଦ୍ଧ, ପବିତ୍ର, ଅମିଶ୍ରିତ ସୁସମାଚାର ଆମ୍ଭମାନଙ୍କୁ ଶେଷ ଦିନରେ ବିଚାର କରିବ । ତେଣୁକରି ଆମ୍ଭେମାନେ ବାକ୍ୟ ଦ୍ୱାରା ତୁମ୍ଭମାନଙ୍କୁ ଉତ୍ସାହିତ କରୁ । ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ ତୀମଥି ୨:୧୫)

**- Ralph Gentry**

❋❋❋

# ଯୀଶୁ ପ୍ରେମ କରୁଥିବା ବିଷୟ ପ୍ରେମ କରିବା

**(Loving what Jesus loved)**

ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବା ପରେ ଯୀଶୁଖ୍ରୀଷ୍ଟଙ୍କ ପିତରଙ୍କ ସହିତ କଥୋପକଥନର ସୁନ୍ଦର ବୀବରଣ ଯୋହନ ୨୧:୧୬-୧୭ ପଦଗୁଡ଼ିକରେ ପଢ଼ିପାରିବା । ସେଥିରେ ଯୀଶୁଖ୍ରୀଷ୍ଟ ପିତରଙ୍କୁ ତାହାଙ୍କ ପ୍ରତି ପ୍ରେମ ବିଷୟରେ ପ୍ରଶ୍ନ କରିଅଛନ୍ତି । ଯୀଶୁଖ୍ରୀଷ୍ଟ କ୍ରୁଶାର୍ପିତ ହେବା ପୂର୍ବେ ପିତର ତାହାଙ୍କୁ ତିନିଥର ଅସ୍ୱୀକାର କରିଥିଲେ । ସେହିପରି ଭାବେ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କୁ ତିନିଥର ପ୍ରଶ୍ନ କରିଥିଲେ । ଯୀଶୁଖ୍ରୀଷ୍ଟ ପ୍ରେମ କରୁଥିବା ବିଷୟଗୁଡ଼ିକରେ ଆସକ୍ତି ହେବା ହିଁ ତାହାଙ୍କୁ ପ୍ରତି ପ୍ରେମ ବ୍ୟକ୍ତ କରିବା ବୋଲି ସେ ଆପଣା ପ୍ରଶ୍ନ ଦ୍ୱାରା ପିତରଙ୍କୁ ବୁଝାଇ ଦେଇଥିଲେ । ପେଣ୍ଟିକଷ୍ଟ ଦିନରେ ସମାବେଶ ହୋଇଥିବା ଜନତା ମଧ୍ୟରେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଚାର କରିବା ଦ୍ୱାରା ପିତରଙ୍କର ଯୀଶୁଖ୍ରୀଷ୍ଟଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକାଶ ପାଏ । ପିତର ଯୀଶୁଖ୍ରୀଷ୍ଟ ସୁସମାଚାର ସକାଶେ ମୁଣ୍ଡ ତଳୁଆ କ୍ରୁଶାର୍ପିତ ହୋଇ ମୃତ୍ୟୁ ଭୋଗ କରିଥିବା ବୋଲି ଜାଗତିକ ଇତିହାସ କହେ । ଯୀଶୁଖ୍ରୀଷ୍ଟ ଯେଉଁ ସବୁ ବିଷୟ ପ୍ରେମ କରୁଥିଲେ, ସେହି ବିଷୟରେ ଆମ୍ଭେମାନେ ପ୍ରେମ କରିବା

ଦ୍ୱାରା ତାହାଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ପ୍ରକାଶ ପାଏ । ଯୀଶୁଖ୍ରୀଷ୍ଟ କେଉଁ କେଉଁ ବିଷୟ ପ୍ରେମ କରୁଥିଲେ, ବାକ୍ୟ ଅନୁସନ୍ଧାନ କଲେ ଜାଣିପାରିବା । ପ୍ରଥମେ, ଯୀଶୁଖ୍ରୀଷ୍ଟ ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା ସ୍ୱର୍ଗୀୟ ପିତା ପରମେଶ୍ୱରଙ୍କୁ ପ୍ରେମ କରୁଥିଲେ । ବ୍ୟବସ୍ଥା ଶାସ୍ତ୍ରଜ୍ଞଙ୍କ ପ୍ରଶ୍ନର ଉତ୍ତରରେ ଯୀଶୁ କହିଲେ, ''ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର ।'' (ମାଥିଉ ୨୨:୩୭) । ଅର୍ଥାତ୍ ଆମ୍ଭେମାନେ ମଧ୍ୟ ପିତା ପରମେଶ୍ୱରଙ୍କୁ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରେମ କରିବା ଆବଶ୍ୟକ । ଯାକୁବଙ୍କ ଭାଷାରେ 'ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଉର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ବା ଲେଶ ମାତ୍ର ବିକାର ନାହିଁ ।' (ଯାକୁବ ୧:୧୭) । ଆମ୍ଭେମାନେ ପ୍ରାପ୍ତ ହୋଇଥିବା ପ୍ରତ୍ୟେକ ଉତ୍ତମ ଓ ସିଦ୍ଧ ବର ସ୍ୱର୍ଗସ୍ଥ ପିତାଙ୍କ ଦାନ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଏପରି ଲେଖନ୍ତି, ''ଆମ୍ଭେମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।'' (ଏଫିସୀ ୧:୩) ସମସ୍ତ ଆଶୀର୍ବାଦର ଆକାର ସଦାସର୍ବଦା ସମାନ ଭାବେ ଥିବା ସ୍ୱର୍ଗସ୍ଥ ପିତାଙ୍କୁ ପ୍ରେମ କରିବା ଆମ୍ଭମାନଙ୍କ ଜୀବନର ପ୍ରଥମ କର୍ତ୍ତବ୍ୟ ।

ଦ୍ୱିତୀୟରେ, ଯୀଶୁ ପିତା ଈଶ୍ୱରଙ୍କ ବାକ୍ୟକୁ ପ୍ରେମ କଲେ । ଯୋହନ ୧୭:୮ ପଦରେ ଆପଣା ପ୍ରାର୍ଥନାରେ ସେ ଏପରି କହନ୍ତି । 'କାରଣ ତୁମ୍ଭେ ମୋତେ ମୋ ସମସ୍ତ ବାକ୍ୟ ଦାନ କଲ, ମୁଁ ସେମାନଙ୍କୁ ସେହିସବୁ ଦାନ କରିଅଛି । ଆଉ ସେମାନେ ଗ୍ରହଣ କରିଅଛନ୍ତି... ... ।'' ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ବାକ୍ୟ ପାଳନ କରିବା ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି । 'ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।' (ରୋମୀୟ ୧୦:୧୭)

ତୃତୀୟରେ, ଯୀଶୁଖ୍ରୀଷ୍ଟ ଜଣେ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ତାହାଙ୍କ ଜୀବନୀ ଓ ତାହାଙ୍କ ଶିକ୍ଷା ଦ୍ୱାରା ସେ ଆମ୍ଭମାନଙ୍କୁ ପ୍ରାର୍ଥନାରେ ପ୍ରାଧାନ୍ୟତା ବିଷୟରେ ଶିକ୍ଷା ଦିଅନ୍ତି । ଲୂକ ୧୮:୧ ପଦରେ କ୍ଳାନ୍ତ ନ ହୋଇ ପ୍ରାର୍ଥନା କରିବା ନିମନ୍ତେ ଆମ୍ଭମାନଙ୍କୁ ଉତ୍ସାହିତ କରିଅଛନ୍ତି । ପୁତ୍ର ଯେପରି ଆପଣା ପିତାଙ୍କ ସହିତ କଥା କହେ । ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ କଥା କହିବା । ବାକ୍ୟ କହେ, କୌଣସି

ବିଷୟରେ ଚିନ୍ତିତ ହୁଅ ନାହିଁ । କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତୀ ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।'' (ଫିଲିପି ୪:୬)

ଚତୁର୍ଥରେ, ଯୀଶୁଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା କ୍ରୀତ ମଣ୍ଡଳୀକୁ ପ୍ରେମ କଲେ । ଲେଖାଯାଏ, ''ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳକୁ ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହାଂ ନିମନ୍ତେ ଆପଣାଙ୍କୁ ଉତ୍ସର୍ଗ କଲେ ।'' (ଏଫିସୀ ୫:୨୫) । ବିଶ୍ୱାସ କରି ବାପ୍ତିଜିତ ହେବା ପ୍ରତ୍ୟେକ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ମଣ୍ଡଳୀରେ ଯୋଗଦାନ କରିଅଛନ୍ତି । ଯୀଶୁଙ୍କୁ ପ୍ରେମ କରିବା ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ମଣ୍ଡଳୀର ଅଭିବୃଦ୍ଧିରେ ଆଗ୍ରହୀ ହେବେ । ସପ୍ତାହର ପ୍ରଥମ ଦିବସରେ ମଣ୍ଡଳୀ ଉପାସନାରେ ଉପସ୍ଥିତ ହେବା ଦ୍ୱାରା ତାହାଙ୍କ ମଣ୍ଡଳୀ ପ୍ରତି ଥିବା ଆମର ପ୍ରେମ ପ୍ରକାଶ କରୁ । ହୃଷ୍ଟଚିତ୍ତରେ ଚାନ୍ଦା ଦେବା ଦ୍ୱାରା ଆମ୍ଭେମାନେ ମଣ୍ଡଳୀ ପ୍ରତି ପ୍ରେମ ପ୍ରକାଶ ପାଏ ।

ପଞ୍ଚମରେ, ଯୀଶୁଖ୍ରୀଷ୍ଟ ବିନଷ୍ଟ ହେଉଥିବା ଆତ୍ମାମାନଙ୍କୁ ପ୍ରେମ କଲେ । ଲୂକ ୧୯:୧୧ ପଦରେ ଜକ୍କିୟଙ୍କ ଗୃହରେ  ସେ କହନ୍ତି, ''କାରଣ ଯାହା ହଜିଯାଇଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି । ସେ ମନୁଷ୍ୟର ଆତ୍ମାକୁ ପ୍ରେମ କରନ୍ତି, କାରଣ ତାହା ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଗଠିତ । ସେ ମନୁଷ୍ୟର ଆତ୍ମାକୁ ପ୍ରେମ କରନ୍ତି, କାରଣ ତାହା ସମସ୍ତ ଜଗତ ଠାରୁ ମୂଲ୍ୟବାନ 'ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?' (ମାଥିଉ ୧୬:୨୬) ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବା ପ୍ରତ୍ୟେକ ବ୍ୟକ୍ତି ତାହାର ପରିତ୍ରାଣ ନିମନ୍ତେ ତାହାଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆଣିଥାଏ । ବିନଷ୍ଟ ହୋଇ ଯାଉଥିବା ପ୍ରତ୍ୟେକ ଆତ୍ମାକୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରି, ଆମ୍ଭମାନଙ୍କ ଯୀଶୁଙ୍କ ପ୍ରତି ଥିବା ପ୍ରେମ ବ୍ୟକ୍ତ କରିପାରିଥାଉଁ । ପ୍ରିୟ ପାଠକ, ଆପଣ କିପରି ଭାବେ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରୁଅଛନ୍ତି ? ସେ ପ୍ରେମ କରୁଥିବା ବିଷୟଗୁଡ଼ିକରେ ସେ ଆମ୍ଭେମାନେ ଆସକ୍ତ ହୋଇ ଆମ୍ଭମାନଙ୍କୁ ତାହାଙ୍କ ପ୍ରତି ଥିବା ପ୍ରେମ ପ୍ରକାଶ କରୁଁ ।

**- John Stacy**

# ମଣ୍ଡଳୀ ଓ ସ୍ୱର୍ଗରାଜ୍ୟ

## (The Church and The Kingdom)

'ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।' ଏହି ଘୋଷଣା ଦ୍ୱାରା ବାପ୍ତିଜକ ଯୋହନ ତଥା ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଆପଣା ପ୍ରଚାର ଆରମ୍ଭ କରିଥିଲେ । (ମାଥିଉ ୩:୨ ଓ ୪:୧୭) । ଆପଣା ଦ୍ୱାଦଶ ଶିଷ୍ୟମାନଙ୍କୁ ସୁସମାଚାର ପ୍ରଚାର ନିମନ୍ତେ ପ୍ରେରଣ କରିବା ସମୟରେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇ କହିଲେ, ''ପୁଣି, ଯାଉ ଯାଉ ସ୍ୱର୍ଗରାଜ୍ୟ ସନ୍ନିକଟ, ଏହି କଥା କହି ଘୋଷଣା କର ।'' (ମାଥିଉ ୧୦:୭)

କାଇସରିଆ ଫିଲିପି ଅଞ୍ଚଳରେ ଯୀଶୁଖ୍ରୀଷ୍ଟ ପିତରଙ୍କୁ କହିଲେ, ''ଆଉ, ମୁଁ ମଧ୍ୟ ତୁମ୍ଭଙ୍କୁ କହୁଅଛି । ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । ମୁଁ ତୁମ୍ଭଙ୍କୁ ସ୍ୱର୍ଗରାଜ୍ୟର କଞ୍ଜି ଦେବି ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ ସ୍ୱର୍ଗରେ ତାହା ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ । (ମାଥିଉ ୧୬:୧୮,୧୯)

ଏହି ପଦଗୁଡ଼ିକରୁ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ଅବିଳମ୍ବେ ହେବାର ଥିଲା ଏବଂ ମଣ୍ଡଳୀ ଓ ସ୍ୱର୍ଗରାଜ୍ୟ ଏକ ଓ ଅଭିନ୍ନ ବୋଲି ଜାଣିପାରୁ । ମଣ୍ଡଳୀ ଓ ସ୍ୱର୍ଗରାଜ୍ୟ ଏକ ହୋଇ ନ ଥିଲେ, ପିତର ଓ ଅନ୍ୟ ଶିଷ୍ୟମାନେ ସ୍ୱର୍ଗ ରାଜ୍ୟର କଞ୍ଜି ଦ୍ୱାରା ମଣ୍ଡଳୀର ଦ୍ୱାର କିପରି ଖୋଲି ପାରିଥା'ନ୍ତେ ! ସ୍ୱର୍ଗରାଜ୍ୟ ଏବେ ପର୍ଯ୍ୟନ୍ତ ସ୍ଥାପିତ ହୋଇ ନ ଥିଲେ, ଯୀଶୁଖ୍ରୀଷ୍ଟଙ୍କ ଦତ୍ତ କଞ୍ଜି ପ୍ରେରିତମାନେ ଏବେ ପର୍ଯ୍ୟନ୍ତ ବ୍ୟବହାର କରି ନାହାନ୍ତି । ନିମ୍ନଲିଖିତ ତିନୋଟି କାରଣ, ମଣ୍ଡଳୀ ଓ ସ୍ୱର୍ଗରାଜ୍ୟ ଏକ ଓ ଅଭିନ୍ନ ବୋଲି ପ୍ରମାଣ କରେ ।

ନୀକଦୀମଙ୍କୁ ଯୀଶୁ କହିଲେ, ''ସତ୍ୟ ସତ୍ୟ, ମୁଁ ତୁମ୍ଭଙ୍କୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।'' (ଯୋହନ ୩:୫) । ପେଣ୍ଟିକଷ୍ଟ ଦିନରେ ପିତର ସ୍ୱର୍ଗରାଜ୍ୟର ଦ୍ୱାର ମୁକ୍ତ କରିବାର କଞ୍ଜି ବ୍ୟବହାର କରି କହନ୍ତି, ''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮) ଏହି ଦୁଇ ବାକ୍ୟ ତଳନା କଲେ ଯୀଶୁଖ୍ରୀଷ୍ଟ ତଥା ପିତର ଉଭୟେ ଜଳ (ବାପ୍ତିସ୍ମ) ଓ ଆତ୍ମା (ଆତ୍ମାଙ୍କ ଦାନ) ମାଧ୍ୟମରେ ସ୍ୱର୍ଗରାଜ୍ୟରେ କିମ୍ବା ମଣ୍ଡଳୀରେ ପ୍ରବେଶ କରିପାରିବା

ବୋଲି ଶିକ୍ଷା ଦିଅନ୍ତି ବୋଲି ଜାଣିପାରୁ । କାରଣ କୁହାଯାଏ, ''........ପୁଣି ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ (ପ୍ରେରିତ ୨:୪୭) । ଦ୍ୱିତୀୟରେ, ଯୀଶୁଖ୍ରୀଷ୍ଟ ସ୍ୱର୍ଗରାଜ୍ୟ ତଥା ମଣ୍ଡଳୀର ମସ୍ତକ ଅଟନ୍ତି । କାରଣ ପାଉଲ କହନ୍ତି, ''ଆଉ ସମସ୍ତ ବିଷୟ ତାହାଙ୍କ ପାଦ ତଳେ ବଶୀଭୂତ କରି ରଖି ତାହାଙ୍କୁ ସର୍ବ ବିଷୟର ମସ୍ତକ ସ୍ୱରୂପେ ମଣ୍ଡଳୀକୁ ଦାନ କଲେ । ସେହି ମଣ୍ଡଳୀ ତାହାଙ୍କୁ ଶରୀର ସ୍ୱରୂପେ, ଅର୍ଥାତ୍ ଯେ ସମସ୍ତ ବିଷୟକୁ ସର୍ବତୋଭାବରେ ପୂର୍ଣ୍ଣ କରନ୍ତି, ତାହାଙ୍କର ପୂର୍ଣ୍ଣତା ।'' (ଏଫିସୀ ୧:୨୨-୨୩)

ଖ୍ରୀଷ୍ଟ ତାହାଙ୍କ ରାଜ୍ୟର ରାଜା ଅଟନ୍ତି । ପାଉଲଙ୍କ ଶିକ୍ଷା ଯୋଗୁଁ ଥେସଲନୀକୀରେ ଥିବା ଯିହୂଦୀମାନେ ବିଦ୍ରୋହ କରି କହିଲେ, ''ଯୀଶୁ ନାମରେ ଆଉ ଜଣେ ରାଜା ଅଛି ବୋଲି କହି ଏମାନେ ସମସ୍ତେ କାଇସରଙ୍କ ଆଜ୍ଞାର ବିରୁଦ୍ଧାଚରଣ କରୁଅଛନ୍ତି ।'' (ପ୍ରେରିତ ୧୭:୭) । ପ୍ରକାଶିତ ୧୭:୧୪ ପଦରେ ପ୍ରଭୁ ଯୀଶୁଙ୍କୁ ''......ପ୍ରଭୁମାନଙ୍କ ପ୍ରଭୁ ଓ ରାଜାମାନଙ୍କ ରାଜା....'' ବୋଲି ବର୍ଣ୍ଣନା କରାଯାଇଛି । ଏବ୍ରୀ ପୁସ୍ତକ ଲେଖକ କହନ୍ତି, 'ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକରରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।'' (ଏବ୍ରୀ ୧୨:୨୮) ପାଉଲଙ୍କ ଲେଖନୀ କହେ, ''...ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବ । ସେ ସମୟରେ ସେ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ । (୧ମ କରିନ୍ଥୀ ୧୫:୨୪)

ପ୍ରିୟ ବନ୍ଧୁ, ଉପରଲିଖିତ କାରଣଗୁଡ଼ିକରୁ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇ ସାରିଲାଣି ଓ ତାହାହିଁ ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି ପ୍ରମାଣ କରେ । ଯୁଗାନ୍ତ ସମୟରେ ଯୀଶୁଖ୍ରୀଷ୍ଟ ରାଜ୍ୟ ସ୍ଥାପନ କରିବେ ବୋଲି ଈଶ୍ୱରଙ୍କ ବାକ୍ୟ କୁହେ ନାହିଁ । କିନ୍ତୁ ଯୁଗାନ୍ତ ସମୟରେ ଯୀଶୁଖ୍ରୀଷ୍ଟ ରାଜ୍ୟ ପିତାଙ୍କ ହସ୍ତରେ ସମର୍ପଣ କରିବେ ବୋଲି ପାଉଲ ସ୍ପଷ୍ଟ ଭାବେ ଲେଖିଅଛନ୍ତି । ଶେଷରେ, ପ୍ରେରିତ ଯୋହନ କହନ୍ତି, ''ତୁମ୍ଭମାନଙ୍କ ଭ୍ରାତା ଓ ଯୀଶୁଙ୍କ ସମ୍ବନ୍ଧୀୟ କ୍ଲେଶ, ରାଜ୍ୟ ଓ ଧୈର୍ଯ୍ୟର ସହଭାଗୀ ଯେ ମୁଁ ଯୋହନ......'' । (ପ୍ରକାଶିତ ୧:୯) । ଯୋହନ ରାଜ୍ୟରେ ଥିଲେ କାରଣ ସେ ମଣ୍ଡଳୀରେ ଥିଲେ । ଏତଦ୍ୱାରା ମଣ୍ଡଳୀ ଓ ସ୍ୱର୍ଗରାଜ୍ୟ ଏକ ଅଭିନ୍ନ ବୋଲି ସ୍ପଷ୍ଟ ରୂପେ ପ୍ରମାଣିତ ହୁଏ । ଅତଏବ, ଆସ ଆମ୍ଭେମାନେ ସେହି ରାଜ୍ୟର ପ୍ରଜା ହୋଇ, ତହିଁର ବିହିତ ସମସ୍ତ ଆଶୀଷର ସହଭାଗୀ ହେଉ ।

**- John Stacy**

# ମହିଳା ପ୍ରଚାରିକା
## (Women Preachers)

ଆଧୁନିକ ଯୁଗରେ ଅନେକ ନାରୀ, ପ୍ରଚାରିକା କାର୍ଯ୍ୟ ନିର୍ବାହ କରିବାକୁ ଆଗେଇ ଆସୁଛନ୍ତି । ଅନେକ ଗୀର୍ଜାଗୃହର ବେଦିଗୁଡ଼ିକ ନାରୀମାନଙ୍କ ଦ୍ୱାରା ଅଳଙ୍କିତ ଏବଂ ଟିଭି କାର୍ଯ୍ୟକର୍ମରେ ମଧ୍ୟ ନାରୀମାନେ ଭାଗ ନେଉଅଛନ୍ତି । ନାରୀ ସ୍ୱାଧୀନତା ସଂଗ୍ରାମର ଚରମ ଦଶାରେ, ପୁରୁଷମାନଙ୍କ ଦ୍ୱାରା ଅଧିକୃତ ପଦବୀଗୁଡ଼ିକ ନାରୀମାନଙ୍କୁ ଦତ୍ତ ହେବାର ପ୍ରଥା ଆରମ୍ଭ ହେଲା ।

ଯେଉଁ କ୍ଷେତ୍ରରେ ପୁରୁଷ, ପ୍ରଧାନ ପାତ୍ର ନେଇ ଆସୁଅଛି ସେ କ୍ଷେତ୍ରରେ ନାରୀର ପ୍ରବେଶ ନିଷେଧ ଥିବା କିଅବା ନାରୀ ଦମନ କରିବାର ପ୍ରଶ୍ନ ଏଠି ଉଠେ ନାହିଁ । କିନ୍ତୁ ପ୍ରଶ୍ନ ଉଠେ ପ୍ରଚାରିକା କାର୍ଯ୍ୟ କରିବା ନିମନ୍ତେ ପ୍ରଭୁଙ୍କ ନାରୀମାନଙ୍କୁ କି ଅନୁମତି ଦିଅନ୍ତି ?

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଆପଣା ସୁସମାଚାର ପ୍ରଚାର ସେବା ଆରମ୍ଭ ବେଳାରେ ବାରଜଣ ଶିଷ୍ୟ ମନୋନୀତ କରିଥିଲେ । ସେ ବାରଜଣ ପୁରୁଷମାନଙ୍କୁ ହିଁ ପ୍ରେରିତ ପଦରେ ଭୂଷିତ କରିଥିଲେ । ଯିହୂଦାଙ୍କ ପ୍ରତାରଣା ପରେ, ଯଦିଓ ଅନେକ ବିଶ୍ୱସ୍ତା ନାରୀମାନେ ଥିଲେ । ତାହାଙ୍କ ପଦରେ ଏକ ପୁରୁଷ ମନୋନୀତ ହୋଇଥିଲେ । (ପ୍ରେରିତ ୧:୨୬) ବିଜାତୀୟମାନଙ୍କ ପରିଚର୍ଯ୍ୟାର ଭାର ପାଉଲଙ୍କୁ – ଏକ ପୁରୁଷଙ୍କୁ ଦତ୍ତ ହୋଇଥିଲା ।

ମଣ୍ଡଳୀର ସ୍ଥାପନ ପରେ, ମଣ୍ଡଳୀର ପରିଚର୍ଯ୍ୟା ନିମନ୍ତେ ନେତାମାନଙ୍କ ଆବଶ୍ୟକ ପଡ଼ିଲା । ୧ମ ତୀମଥି ୩ୟ ଅଧ୍ୟାୟ ଓ ତିତସ ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଯୋଗ୍ୟତା ବିଶିଷ୍ଟ ପୁରୁଷମାନଙ୍କୁ ମଣ୍ଡଳୀମାନଙ୍କରେ ଅଧ୍ୟକ୍ଷ ଓ ସେବକ ପଦରେ ନିଯୁକ୍ତ କରାଯାଇଥିଲା । ନାରୀମାନେ ଅଧ୍ୟକ୍ଷ ଓ ସେବକରୂପେ ନିଯୁକ୍ତ ହୋଇପାରନ୍ତି ବୋଲି ବିଶ୍ୱାସ କରିବା ଲୋକେ, 'ଅଧ୍ୟକ୍ଷ ଏକ ସ୍ତ୍ରୀର ସ୍ୱାମୀ' ହେବାର ଅଧ୍ୟକ୍ଷଙ୍କ ଯୋଗ୍ୟତା ବିଷୟରେ ଧ୍ୟାନ ଦିଅନ୍ତି ନାହିଁ । (୧ମ ତୀମଥି ୩:୨)

ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ଉତ୍ଥାନ ପରେ ତାହାଙ୍କ ଶିଷ୍ୟମାନଙ୍କୁ ଦେଖାଦେଇ, ସମସ୍ତ ଦେଶ, ସମସ୍ତ ଜାତି ଓ ଭାଷାବାଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଆଜ୍ଞା ଦେଇଥିଲେ । (ମାଥିଉ ୨୮:୧୯,୨୦ ଓ ମାର୍କ ୧୬:୧୬) ତାହାଙ୍କ ଶିଷ୍ୟବୃନ୍ଦରେ ନାରୀମାନଙ୍କ ସ୍ଥାନ ନଥିଲା ଆମ୍ଭେମାନେ ଜାଣୁ ।

ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ପ୍ରେରିତମାନେ ଉପସ୍ଥିତ ଥିଲେ ବୋଲି ପ୍ରେରିତମାନଙ୍କ କାର୍ଯ୍ୟାବଳୀର ୨ୟ ଅଧ୍ୟାୟରେ ପଢ଼ିଥାଉଁ । ସେହି ପୁରୁଷମାନେ ସେଦିନ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ଉପସ୍ଥିତ ଜନତାକୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ତାହାଙ୍କ ପ୍ରଚାରର ପ୍ରତିଫଳନ ସେଦିନ ତିନି ସମସ୍ତ ଯିହୂଦୀ ପୁରୁଷ ଓ ସ୍ତ୍ରୀ ବିଶ୍ୱାସ, ମନ ପରିବର୍ତ୍ତନ ଓ ଖ୍ରୀଷ୍ଟଙ୍କୁ ସ୍ୱୀକାର କରି ତାହାଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ସେମାନଙ୍କୁ ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀରେ ସଂଯୁକ୍ତ କଲେ । (ପ୍ରେରିତ ୨ୟ ଅଧ୍ୟାୟ ପଢ଼ନ୍ତୁ)

ତତ୍‌ପରେ, ସାଧୁ ଓ ସୁଖ୍ୟାତିପ୍ରାପ୍ତ ସାତଜଣ ପୁରୁଷ ପ୍ରେରିତମାନଙ୍କ ଦ୍ୱାରା ମଣ୍ଡଳୀର ସେବାକାର୍ଯ୍ୟ ନିମନ୍ତେ ଅଭିଷିକ୍ତ ହୋଇଥିଲେ ।

ପ୍ରେରିତ ମାନଙ୍କ କାର୍ଯ୍ୟାବଳୀର ପୁସ୍ତକର ପ୍ରତ୍ୟେକ ପୃଷ୍ଠା ସୁସମାଚାର ପ୍ରଚାର କାର୍ଯ୍ୟରେ ପୁରୁଷମାନେ ହିଁ କିପରି ନେତୃତ୍ୱ ନେଇଥିଲେ, ତାହାର ସାକ୍ଷ୍ୟ ଦିଏ । ଅତଏବ, ମଣ୍ଡଳୀର ପରିଚର୍ଯ୍ୟାର ଭାର ପୁରୁଷମାନଙ୍କ ଉପରେ ନ୍ୟସ୍ତ ହୋଇଅଛି ବୋଲି ଉପରୋକ୍ତ ବାକ୍ୟମାନଙ୍କ ଠାରୁ ଜାଣିପାରୁ । ସର୍ବସାଧାରଣଙ୍କୁ ସୁସମାଚାର ପ୍ରଚାର କରିବାରେ, ମଣ୍ଡଳୀରେ ପ୍ରାର୍ଥନା କରିବାରେ ଗୀତ ଚାଳନାରେ କିଅବା ପ୍ରଭୁଭୋଜ ମେଜ ପରିଚର୍ଯ୍ୟାରେ ନାରୀମାନଙ୍କ କୌଣସି ପାତ୍ର ନଥିଲା । ପରମେଶ୍ୱର ନେତୃତ୍ୱର ଭାର ପୁରୁଷମାନଙ୍କୁ ଦେଇଅଛନ୍ତି । ତାହାଙ୍କ ଆଜ୍ଞା ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ପୁରୁଷମାନଙ୍କ କାର୍ଯ୍ୟାବଳୀରେ ତୁଷ୍ଟ ହୋଇ, ନାରୀମାନଙ୍କ ପାତ୍ର ନାସ୍ତି କରେ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ବାକ୍ୟ କହେ,"ସ୍ତ୍ରୀ ପୂର୍ଣ୍ଣବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ । ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉନାହିଁ, ମାତ୍ର ସେ ମୌନ ରହୁ । କାରଣ ପ୍ରଥମେ ଆଦମ ସୃଷ୍ଟ ହେଲେ, ତାହାପରେ ହବା, ଆଉ ଆଦମ ପ୍ରବଞ୍ଚିତ ହୋଇନଥିଲେ, ମାତ୍ର ନାରୀ ପ୍ରବଞ୍ଚିତା ହୋଇ ଆଜ୍ଞା ଲଂଘନ ଦୋଷରେ ଦୋଷୀ ହେଲେ ।" (୧ମ ତୀମଥି ୨:୪)

ନାରୀ ମୌନ ରହିବା ସାମାଜିକ ନିୟମ ନୁହେଁ, କିନ୍ତୁ ଏହା ଐଶ୍ୱରିକ ନିୟମ ଅଟେ । ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ, ସେହିପରି ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରହନ୍ତୁ, ଯେଣୁ କଥା କହିବା ପାଇଁ ସେମାନେ ଅନୁମତି ପାଇନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶୀଭୂତା

ହୋଇ ରହନ୍ତୁ ।'' (୧ମ କରିନ୍ଥୀ ୧୪:୩୪)

ପୁରାତନ ନିୟମ ସମୟରେ ପରିବାର ମୁଖ୍ୟ ପୁରୁଷ ସହିତ ପରମେଶ୍ୱର କଥା କହୁଥିଲେ । ପୁରୁଷମାନଙ୍କ ଦ୍ୱାରା ଧର୍ମଶାସ୍ତ୍ର ଲିଖନ ହୋଇଥିଲା । ଇଶ୍ରାଏଲକୁ ପାଳନ କରିଥିବା ପ୍ରତ୍ୟେକ ରାଜା, ଯାଜକ ଓ ବିଚାରକର୍ତ୍ତାମାନେ (ଏକ ସ୍ତ୍ରୀ ବ୍ୟତୀତ) ପୁରୁଷ ଥିଲେ । ଇଶ୍ରାଏଲରେ ସେ ସମୟରେ ସାହସବାନ ପୁରୁଷର ଅଭାବରୁ ଜଣେ ଦେବୋରା ନାମ୍ନୀ ସ୍ତ୍ରୀ ବିଚାରକର୍ତ୍ତା ରୂପେ ନିଯୁକ୍ତ ହୋଇଥିଲେ । ନେତୃତ୍ୱ ବହନକାରୀ ପୁରୁଷର, ସାହାଯ୍ୟକାରିଣୀ ରୂପେ ପରମେଶ୍ୱର ସ୍ତ୍ରୀକୁ ସୃଷ୍ଟି କରିଥିଲେ । ତାହାଙ୍କ ଆଜ୍ଞା ବଦଳାଇବାରେ ଅଧିକାର ପରମେଶ୍ୱର କାହାକୁ ଦେଇନାହାନ୍ତି ।

ନାରୀମାନେ ଆପଣା କାର୍ଯ୍ୟକ୍ଷେତ୍ରରୂପକ ଗୃହ ପରିତ୍ୟାଗ କରି ଯେତେବେଳେ ବାହ୍ୟଜଗତରେ ପଦକ୍ଷେପ କରିବା ସମୟ ଠାରୁ ପାରିବାରିକ ଜୀବନ ଅବହେଳିତା ହେଲା, ପୁରୁଷମାନଙ୍କ କାର୍ଯ୍ୟକ୍ଷେତ୍ରରେ ସ୍ତ୍ରୀ ପ୍ରବେଶ କରିବା ଯୋଗୁଁ ଈଶ୍ୱର ଦତ୍ତ କର୍ତ୍ତବ୍ୟ ସେମାନେ ସଠିକ୍‌ଭାବେ ପାଳନ କରି ପାରୁନାହାନ୍ତି । ଆପଣା ପରିବାରର ଭରଣପୋଷଣରେ ଅବହେଳା କରୁଅଛନ୍ତି । ଏପରି ପୁରୁଷ ଓ ନାରୀମାନେ ଈଶ୍ୱରଦତ୍ତ ଭାର ସଠିକ୍ ଭାବେ ବହନ ନକରୁଥିବାରୁ ପରିବାର, ସମାଜ ଓ ସାରାଜଗତ କଷ୍ଟ ଭୋଗୁଅଛନ୍ତି । ଆସ ଆମ୍ଭେମାନେ ଈଶ୍ୱରଙ୍କ ଯୋଜନାନୁଯାୟୀ ପୁରୁଷମାନେ କର୍ତ୍ତବ୍ୟର ଭାର ଓ ନାରୀମାନେ ପରିବାର ଭାର ବହନ କରୁ ।

ତେବେ ପରମେଶ୍ୱରଙ୍କ ମଣ୍ଡଳୀରେ ନାରୀର ପାତ୍ର କଅଣ ? ପ୍ରୀସ୍କିଲା ଓ ତାହାଙ୍କ ସ୍ୱାମୀ ଆକ୍ୱିଲା, ଆପୋଲଙ୍କୁ ଆପଣାମାନଙ୍କ ସଙ୍ଗରେ ଆପଣା ଗୃହରେ ପ୍ରଭୁଙ୍କ ମାର୍ଗ ବିଷୟରେ ସୂକ୍ଷ୍ମରୂପେ ବୁଝାଇ ଦେଇଥିଲେ । ନାରୀମାନଙ୍କ ଗୃହରେ ମଣ୍ଡଳୀ ସମାବେଶ ହେଉଥିବା ବିଷୟ ଆମ୍ଭେମାନେ ରୋମୀୟ ୧୬ମ ଅଧ୍ୟାୟରେ ପଢ଼ିଥାଉଁ । ସୁସମାଚାର ପ୍ରଚାରରେ ନାରୀମାନଙ୍କ ସାହାଯ୍ୟକାରୀ ହସ୍ତ ଥିଲା । ସ୍ତ୍ରୀମାନଙ୍କ ଓ ବାଳକବାଳିକାମାନଙ୍କୁ ସ୍ତ୍ରୀମାନେ ଶିକ୍ଷା ଦେଇପାରନ୍ତି । (ତିତସ ୨:୩-୫) ଗୃହକାର୍ଯ୍ୟ ପରିଚାଳନାର ଭାର ନାରୀମାନଙ୍କ ଉପରେ ପରମେଶ୍ୱର ଥୋଇଅଛନ୍ତି (୧ମ ତୀମଥି ୫:୧୪) ତାହାଙ୍କ ଆଜ୍ଞାପାଳନକାରୀ ପ୍ରତ୍ୟେକ ଆଶୀର୍ବାଦ ପ୍ରାପ୍ତ ହେବେ ।

**- J.C. Choate**

# ଈଶ୍ୱରଙ୍କ ବାକ୍ୟ

## (The Word of God)

ଖ୍ରୀଷ୍ଟିୟାନମାନେ ଫଳ ଫଳିବା ନିମନ୍ତେ ଆହୂତ ହୋଇଅଛନ୍ତି । ଫଳ ଫଳିବା ନିମନ୍ତେ ପ୍ରଥମେ ବୀଜ ବପନ ଆବଶ୍ୟକ । ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ଅଟେ ।

ମନୁଷ୍ୟମାନଙ୍କ ହୃଦୟରେ ସ୍ଥାନ ପାଇଥିବା ବାକ୍ୟର ଧ୍ୟାନ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଶକ୍ତି ସଂଗ୍ରହ କରେ । "..........ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ, ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ୍ୟ ହେବ, ପୁଣି, ସେ ଯାହା କରେ, ତାହା ସଫଳ ହେବ ।" (ଗୀତ ୧:୨-୩)

ଏହି ବାକ୍ୟରେ, ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନର ସୂତ୍ର ସୁସ୍ପଷ୍ଟ ହୁଏ :- ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା । ତତ୍‌ଫଳେ, ନଦୀତୀରର ବୃକ୍ଷ ନ ଶୁଖି ଯେପରି ଫଳ ଫଳିବା ପାଇଁ ବୃଦ୍ଧି ପାଏ ଏବଂ ଫଳ ଉତ୍ପାଦନ କରେ ସେହିପରି ବାକ୍ୟ ଧ୍ୟାନକାରୀମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପାଦନ କରନ୍ତି । ତୃତୀୟରେ ଯେଉଁ ବୃକ୍ଷର ପତ୍ର ମଳିନ ନ ହୁଏ ତାହାର ସଦୃଶ୍ୟ ସୁନ୍ଦର, ସବୁଜ ଖ୍ରୀଷ୍ଟିୟାନମାନେ ଯେଉଁ କାର୍ଯ୍ୟ କରନ୍ତି ସଫଳ ହୁଅନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦିନକୁ ଦିନ ଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧି ପାଇବା ଆବଶ୍ୟକ । ଏକ ଶିଶୁର ବୃଦ୍ଧି ନିମନ୍ତେ ଶାରୀରିକ ଖାଦ୍ୟ ଯେପରି ଆବଶ୍ୟକ, ଆତ୍ମୀୟ ଶିଶୁମାନଙ୍କ ବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ପ୍ରେରିତ ପାଉଲ କହନ୍ତି, "ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।" (ପ୍ରେରିତ ୨୦:୩୨)

ଆଜି ଖ୍ରୀଷ୍ଟିୟ ସମାଜରେ ଅନେକ ଭ୍ରାନ୍ତ ଶିକ୍ଷା ସ୍ଥାନ ପାଇଅଛି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷା ଠାରୁ ଓ ପାପ ଠାରୁ ଆପଣାକୁ ପୃଥକ୍ ରଖି ପାରିବା ।

"କିନ୍ତୁ ଦୁଷ୍ଟ ଲୋକେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ ବିଷୟର ନିଶ୍ଚିତବୋଧ ପାଇଅଛ, ସେ ସବୁରେ ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ, ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭକୁ ପରିତ୍ରାଣଜନକ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୩:୧୩-୧୭)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବାରେ ଅବହେଳା କଲେ ମନୁଷ୍ୟ ଭ୍ରାନ୍ତ ଶିକ୍ଷାର ଶିକାର ହୁଏ । ଶୟତାନ ସେମାନଙ୍କ ହୃଦୟରେ ଅଜାଣତରେ ପ୍ରବେଶ କରିଥାଏ । ଏପରି ଆପଦରୁ ଆପଣାକୁ ଆମେ କିପରି ରକ୍ଷା କରିବା ଗୀତରଚକ ଆମ୍ଭମାନଙ୍କୁ ଜଣାନ୍ତି,"ମୁଁ ଯେପରି ତୁମ୍ଭ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।" (ଗୀତ ୧୧୯:୧୧)

ଆପଣଙ୍କ ଖ୍ରୀଷ୍ଟିୟାନ ଜୀବନ ନିଷ୍ଫଳ ହେବା କି ଆପଣ ଇଚ୍ଛା କରନ୍ତି ? ତା'ହେଲେ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଅବହେଳା ନ କଲେ ଆପଣ ଆପଣା ଲକ୍ଷ୍ୟ ସାଧନ କରିପାରିବେ ! ଯଦି ଆପଣ ଫଳପ୍ରଦ ଜୀବନ ଓ ନିତ୍ୟ ଜୀବନ ଆକାଂକ୍ଷା କରନ୍ତି, ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଆପଣଙ୍କ ଦୈନିକ ଜୀବନର ଶ୍ରେଷ୍ଠ ସ୍ଥାନ ପାଉ ।

**- Tom Keton**

❋❋❋

---

**Edited & Published by : Kabita & Joshua Gootam**

B. The proximity of death

1. "....... tomorrow ........., v. 18

2. At best everyone is near death

a. "For all flesh is as grass....," 1 Peter 1:24

b. "Man that is born of woman is of few days ........," Job 14:1

c. James 4:14," ... know not what shall be on the morrow...."

1) Tomorrow means just a very short time.

## II. THE VOICE OF THE RICH MAN, LUKE 16:23-28

A. The certainty of life after death

1. "...in Hades he lifted up his eyes... seeth Abraham...," v. 23

a. A conscious existence after death of the body

b. Answers Job's question. "If a man die, shall he live again?" Job 14:14

c. Answers the annihilationist--- "I am tormented in these flames," v. 24

B. Horrible punishment of the wicked

1. Mathew 8:12, "......outer darkness......... weeping and gnashing..."

2. Mark 9:48, "..... where the worm dieth not, and the fire is not quenched"

3. 2 Thessalonians 1:9. "Who shall be punished with everlasting....."

C. The rich man, "Don' t come here, whatever you do"

## III. THE VOICE OF ABEL, Hebrews 11 : 4

A. The necessity of preparation for death

1. Necessity of faith, Hebrews 11 : 1. 6

a. John 8 : 24," .... for if you believe not that I am he ..."

b. 2 Corinthians 5 : 7. "For we walk by faith, not by sight"

2. Abel, "The life of faith is the only life to live"

B. The meaning of faith

1. " By faith Abel offered..."

2. Acceptable faith is obedient faith

a. "By faith Noah prepared an ark...." Hebrews 11 : 7

b. "By faith Abraham obeyed...," 11 : 8

c. James 2: 24, ".... by works a man is justified and not by faith only"

C. An obedient faith is "reckoned for righteousness,"James 2:23.

1. An obedient faith unites with Christ, Galatians 3:26,27., and a life of faith will lead to heaven, Revelation 2 : 10.

**CONCLUSION :**

1. Hear the voice of Samuel; " The certainty of death
2. Believe the voice of the rich man: " The certainty of life after death"
3. Obey the voice of Abel: "The necessity of preparation for death" ".. and the judgment, " Hebrews 9 : 27.

- CURTIS CHAMP

*Printed Book Only*

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)